AA-21

DRAFT PRESS BRIEF

**Subject: -Approval of tender for the Mega Lift Project Cluster-DMF to be executed with Intake Points on Brahmani, Baitarani, Mahanadi & Ib river in the district Jajpur, Keonjhar and Jharsuguda.**

Government of Odisha has launched Mega Lift Project programme during 2011-12 for providing irrigation to the farmers in the upland areas by lifting water from rivers and reservoirs which could not be irrigated by normal means of flow irrigation. This program envisages providing protective Kharif Irrigation by utilizing the surplus water which was otherwise running off to the sea.

Thirteen Clusters (Nos.XIV, XV, III, I, II, VI, VIII, XI, VII, IX, X, XII & XIII ) consisting of 169 schemes and one scheme under DMF, totaling to 170 schemes have been taken upin the districts of Kalahandi, Bolangir, Nuapada, Subarnapur, Boudh, Sambalpur, Jharsuguda, Bargarh, Sundargarh, Deogarh, Nawarangpur, Malkanagiri, Rayagada, Koraput, Gajapati, Ganjam, Cuttack, Jajpur, Kendrapara, Keonjhar, Mayurbhanj & Angul. Out of these, 67 schemes have been completed and 77,032 Ha. ayacut have been created.

The instant tender was invited for execution of Cluster-DMF having 10 schemes covering command area of 14,900 ha in the districts of Jajpur, Keonjhar and Jharsuguda.

Three bidders participated in the tender process namely (i) L & T Limited. (ii) GVPR Engineers Limited.& (iii) Megha Engineering & Infrastructures Limited.

M/s Megha Engineering & Infrastructure Ltd. emerged as the lowest bidder with negotiated price of Rs.432,37,50,000/- .

The Cabinet gave approval to award the Mega Lift Cluster-DMF work to the L-1 bidder M/s Megha Engineering & Infrastructure Ltd. with negotiated amount of Rs.432,37,50,000/- (Rupees Four Hundred Thirty-two Crore Thirty-seven lakh Fifty Thousand )only.

A.A.9

# ପ୍ରେସ୍ ବିବୃତି

**ବିଷୟ :** ଯାଜପୁର, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ୧୪,୯୦୦ ହେକ୍ଟର୍ ଚାଷଜମିକୁ କ୍ଲଷ୍ଟର-ଡ଼ିଏମ୍ଏଫ ଦ୍ୱାରା ଜଳସେଚନ ଯୋଗାଇ ଦେବା ପାଇଁ ଆହ୍ୱାନ କରାଯାଇଥିବା ବୃହତ୍ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ଟେଣ୍ଡର ଅନୁମୋଦନ ସମ୍ବନ୍ଧରେ ।

ଓଡ଼ିଶା ସରକାର ଉଚ୍ଚ ସ୍ଥାନରେ ଥିବା ଚାଷୋପଯୋଗୀ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାପାଇଁ ୨୦୧୧-୧୨ମସିହାରେ ବୃହତ୍ ଉଠା ଜଳସେଚନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମଦ୍ୱାରା ନଦୀ ଓ ଜଳଭଣ୍ଡାରଗୁଡ଼ିକରୁ ବିନିଯୋଗ ହୋଇ ନ ପାରି ସମୁଦ୍ରରେ ମିଶିଯାଉଥିବା ଉଦ୍‌ବୃତ ଜଳକୁ ବ୍ୟବହାର କରି ଖରିଫ୍ ଋତୁରେ ଜଳସେଚନ ଯୋଗାଇ ଦିଆଯିବ ।

ବର୍ତ୍ତମାନସୁଦ୍ଧା ଏହି କାର୍ଯ୍ୟକ୍ରମରେ ୨୨ଗୋଟି ଜିଲ୍ଲାରେ ୧୭୦ଟି ପ୍ରକଳ୍ପର କାର୍ଯ୍ୟ ୧୩ଟି କ୍ଲଷ୍ଟର ମାଧ୍ୟମରେ ଆରମ୍ଭ କରାଯାଇଛି । ଏହି ପ୍ରକଳ୍ପଗୁଡିକ ଦ୍ୱାରା କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, ସୁବର୍ଣ୍ଣପୁର, ବଉଦ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେଓଗଡ଼, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, କଟକ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର,ମୟୂରଭଞ୍ଜ ଓ ଅନୁଗୋଳ ଜିଲ୍ଲାରେ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ଏଥି ମଧ୍ୟରୁ ଅଦ୍ୟାବଧି ୬୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୭୭,୦୩୨ ହେକ୍ଟର୍ ଚାଷୋପଯୋଗୀ ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇଅଛି ।

ବର୍ତ୍ତମାନ ଆହ୍ୱାନ କରାଯାଇଥିବା ଟେଣ୍ଡରଟିଦ୍ୱାରା ୧୦ଟି ପ୍ରକଳ୍ପ ଗୋଟିଏ ଗୁଚ୍ଛରେ ଆରମ୍ଭ କରାଯିବ । ଏହାଦ୍ୱାରା ଯାଜପୁର, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ୧୪,୯୦୦ ହେକ୍ଟର୍ ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ତିନିଗୋଟି ଠିକାଦାର ସଂସ୍ଥା ଯଥା (୧) ଏଲ୍ ଆଣ୍ଡ ଟି ଲିଃ. (୨) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଃ.(୩) ଜି.ଭି.ପି.ଆର ଇଞ୍ଜିନିୟର୍ସ ଲିଃ. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଛନ୍ତି । ଭାଗ ନେଇଥିବା ଠିକାଦାର ସଂସ୍ଥାମାନଙ୍କ ମଧ୍ୟରୁ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଃ. କ୍ଲଷ୍ଟର-ଡ଼ିଏମ୍ଏଫ କାର୍ଯ୍ୟକୁ ୪୩୨,୩୭,୫୦,୦୦୦/-ଟଙ୍କା ବିନିମୟରେ ସମ୍ପାଦନ କରିବାପାଇଁ ସର୍ବନିମ୍ନ ବିଡ଼ର ଭାବେ ପରିଗଣିତ ହୋଇଛନ୍ତି ।

କ୍ୟାବିନେଟ୍ ଆଜିର ବୈଠକ୍‌ରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି ।